# ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ,ପିପିଲି,ପୁରୀ

ବିଜ୍ଞାପନ ସଂଖ୍ୟା – ୧୦୫୦ / ତା.୦୫.୦୮.୨୦୨୫

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରୀ ,ପିପିଲି ଙ୍କ ଅଧିନସ୍ଥ ତିନି (୦୧) ଗୋଟି ଅଙ୍ଗନୱାଡି କେନ୍ଦ୍ର ଭାରତିପୁର ସୁଲତାନ ନଗର ରେ ଖାଲି ପଡ଼ିଥିବା ଅଙ୍ଗନୱାଡି କର୍ମୀ ପଦବୀରେ ଚୟନ ନିମନ୍ତେ ସମ୍ପୃକ୍ତ ଗ୍ରାମର ମହିଳା ପ୍ରାର୍ଥିନୀ ମାନଙ୍କ ଠାରୁ ଅନଲାଇନ ପୋର୍ଟାଲ **http//e-engagement-awc.odisha.gov.in** ମାଧମରେ ଆବେଦନ ପତ୍ର ଆହ୍ୱାନ କରାଯାଉ ଅଛି। ଇଛୁକ ମହିଳା ପ୍ରାର୍ଥିନୀ ମାନେ ତା . ୦୬ .୦୮ .୨୦୨୫ ରିଖ ଠାରୁ ତା. ୨୦ .୦୮ .୨୦୨୫ ରିଖ ସୁଦ୍ଧା ଅନଲାଇନ ପୋର୍ଟାଲ ମାଧ୍ୟମ ରେ ଆବେଦନ କରିପାରିବେ । ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ରେ ସମ୍ପୂର୍ଣ ବିବରଣୀ ତଥା ଆବଶ୍ୟକୀୟ ପ୍ରମାଣ ପତ୍ର ଅନଲାଇନ ରେ ଦାଖଲ ବା ଅପଲୋଡ ହୋଇନଥିଲେ ଦରଖାସ୍ତ ଟିକୁ ନାକଚ କରିଦିଆଯିବ ।

ବି. ଦ୍ର :- ପ୍ରକାଶ ଥାଉ କି ଏହି ବିଜ୍ଞାପନ ଯେକୌଣସି ସମୟରେ କାରଣ ନ ଦର୍ଶାଇ ରଦ୍ଦ କରାଯାଇ ପାରିବ ।

**<u>ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ପ୍ରାର୍ଥିନୀଙ୍କର ନିମ୍ନ ଲିଖିତ ଯୋଗ୍ୟତା ଓ ସର୍ତାବଳୀ ଥିବା ଆବଶ୍ୟକ –</u>**

୧ . ଇଛୁକ ପ୍ରାର୍ଥିନୀ ମାନେ ୱେବସାଇଟ http//e-engagement-awc.odisha.gov.in ରେ ପଞ୍ଜୀକୃତ କରିବେ ଏବଂ ପବ୍ଲିକ୍ ଲଗ ଇନ କରି (using user name & Password) ନିର୍ଦ୍ଧାରିତ ତାରିଖ ତଥା ସମୟ ମଧରେ ଆବେଦନ କରି ତତ ସମ୍ପର୍କିତ ପ୍ରାପ୍ତି ସ୍ୱୀକାରକ୍ତି ପାଇ ପାରିବେ ।

୨ . ଅବେଦନକାରିଣୀ ଙ୍କ ବୟସ ଚଳିତ ବର୍ଷ ୦୧.୦୧.୨୦୨୫ କୁ ୧୮ ବର୍ଷ ରୁ ୩୫ ବର୍ଷ ମଧ ରେ ହୋଇଥିବା ଆବଶ୍ୟକ । ( ଅର୍ଥାତ ୧୮ ବର୍ଷ ରୁ କମ ଓ ୩୫ ବର୍ଷ ର ଅଧିକ ହୋଇନଥିବ) ।

୩ . ମାଟ୍ରିକ , ଦ୍ୱାଦଶ କିମ୍ଵା +୨ ଏବଂ ତଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ର ସାର୍ଟିଫିକେଟ ଓ ମାର୍କ ସିଟ ଦରଖାସ୍ତ ସହ ଦାଖଲ କରିବେ। ଦ୍ୱାଦଶ କିମ୍ଵା +୨ ପରୀକ୍ଷାରେ ରଖିଥିବା ମାର୍କ ର (% of marks ) ମନୋନୟନ ର ମୂଳ ଆଧାର ହେବ । ପ୍ରାର୍ଥିନୀ ଓଡିଆ ଭାଷା ରେ ଲେଖିପଢି ଜାଣିଥିବା ବାଧତା ମୂଳକ ଅଟେ।

୪. ପ୍ରାର୍ଥିନୀ ଅଙ୍ଗନୱାଡି କେନ୍ଦ୍ର ପାଇଁ ଉଦ୍ଧିଷ୍ଟ ଗ୍ରାମ / ପଡା ଗ୍ରାମ ନିର୍ଦ୍ଦିଷ୍ଟ ଅଞ୍ଚଳର ( ସେବା ପରିସର ଭୁକ୍ତ ) ସ୍ଥାୟୀ ବାସିନ୍ଦା ହୋଇଥିବେ ( ଅଙ୍ଗନୱାଡି କେନ୍ଦ୍ର ର ତାଲିକା ଅନୁଯାୟୀ ) ।

୫ . ତହସିଲଦାରଙ୍କ ଠାରୁ ପ୍ରାଧିକୃତ ସ୍ଥାୟୀ ବାସିନ୍ଦା ର ପ୍ରମାଣ ପତ୍ର ଦାଖଲ କରିବେ ।

୬ . ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣ ପତ୍ର ଓ ମାର୍କ ସିଟ ( ଆଗ ଓ ପଛ ର ଅବିକଳ ନକଲ ) ଦାଖଲ କରିବେ ।

୭ . ପ୍ରାର୍ଥିନୀ ନିଜର ଦସ୍ତଖତ , ଭୋଟର ପରିଚୟ ପତ୍ର , ଆଧାର କାର୍ଡ , ବର୍ତମାନ ର ପାସପୋର୍ଟ ଫୋଟୋଗ୍ରାଫ , ନିଜ ଗୃହ ର ସର୍ଭେ ନମ୍ବର ଗୁଡିକୁ ଅନଲାଇନ ରେ ଅପଲୋଡ କରିବେ ।

୮ . ହରିଜନ ଆଦିବାସୀ ହୋଇଥିଲେ ତହସିଲଦାରଙ୍କଠାରୁ ପ୍ରାପ୍ତ /SC / ST ପ୍ରମାଣପତ୍ର ଅନଲାଇନ ରେ ଅପଲୋଡ କରିବେ ।

୯ . ସ୍ୱାମୀ ପରିତ୍ୟକ୍ତା /ନିଃସହାୟ ହୋଇଥିଲେ ମାନ୍ୟବର ନ୍ୟାୟଳୟ ଙ୍କ ଦ୍ୱାରା ପ୍ରକାଶିତ ରାୟ ନକଲ ଏବଂ ଅନ୍ୟାନ୍ୟ ସରକାରୀ ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

୧୦ . ପ୍ରାର୍ଥିନୀ ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ ଇ ସି ସି ଇ କର୍ମୀ ହୋଇଥାନ୍ତି , ସର୍ବଶିକ୍ଷା ଅଭିଯାନ ଅଧିକାରୀ ଙ୍କ ଠାରୁ ଅଭିଜ୍ଞତା ପ୍ରମାଣ ପତ୍ର ଦାଖଲ କରିବେ ।

୧୧ . ପ୍ରାର୍ଥିନୀ ସମସ୍ତ ପ୍ରମାଣ ପତ୍ର ନିଜସ୍ୱ ଆଟେଷ୍ଟେଡ କରିବେ ।

୧୨ . ବିଧବା ହୋଇଥିଲେ ସ୍ୱାମୀ ଙ୍କ ମୃତ୍ୟୁ ସମ୍ବନ୍ଧୀୟ ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

୧୩ . ଶାରୀରିକ ଭିନ୍ନକ୍ଷମ ହୋଇଥିଲେ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ପାଇଥିବା ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

୧୪ . ପିତୃ ମାତୃ ହୀନା ଏକାନ୍ତ ଅସହାୟ ହୋଇଥିଲେ ସେ ସମ୍ବନ୍ଧୀୟ ପ୍ରମାଣ ପତ୍ର ଏବଂ ଯେ କୌଣସି ଅସହାୟ ଅନୁଷ୍ଠାନ ରେ ଥିଲେ ତାହାର ପ୍ରମାଣ ପତ୍ର ଅନଲାଇନ ରେ ଅପଲୋଡ କରିବେ ।

୧୫ . ସ୍ଥିରୀକୃତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳରେ ଅଙ୍ଗନୱାଡି ସହାୟିକା /ସଙ୍ଗଠିକା/ବାଲୱାଡି କର୍ମୀ ଆବଶ୍ୟକ ଯୋଗ୍ୟତା ଥାଇ ୫ ବର୍ଷ ରୁ ଅଧିକ କାର୍ଯ୍ୟ ର ଅଭିଜ୍ଞତା ଥିଲେ ତାହାର ପ୍ରମାଣ ପତ୍ର ସଲଗ୍ନ କରିବେ ।

ଏଥିରେ ଯେଉଁ ନିୟୋଜନ Engagement ଦିଆଯିବ ତାହା ସମ୍ପୂର୍ଣ ଅସ୍ଥାୟୀ । ଏହି ନିଯୁକ୍ତିକୁ ଭିତ୍ତିକରି ଭବିଷ୍ୟତରେ କୌଣସି ସ୍ଥାୟୀ କର୍ମ ନିୟୋଜନ ଦାବି କରିପାରିବେ ନାହିଁ । ଯେ କୌଣସି ସମୟରେ ବିନା ନୋଟିସରେ କାର୍ଯ୍ୟରୁ ବହିଷ୍କାର କରାଯାଇପାରିବ ।

ତା. ୨୧.୦୮.୨୦୨୫ ରିଖ ପୂର୍ବାହ୍ନ ଘ.୧୧ .୦୦ ଟୀକା ସମୟରେ ଆବେଦନ କରିଥିବା ସମସ୍ତ ମୂଳ ପ୍ରମାଣପତ୍ର ସହିତ ନିଜେ ଉପସ୍ଥିତ ରହି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଯାଞ୍ଚ କରାଇବେ । ଯାଞ୍ଚ ସମୟରେ ଅନୁପସ୍ଥିତ ପ୍ରାର୍ଥିନୀ ମାନଙ୍କର ପ୍ରାର୍ଥିତ୍ୱକୁ ରଦ୍ଦ କରାଯିବ । ମୂଳ ପ୍ରମାଣପତ୍ର ଯାଞ୍ଚ ପରେ ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିବା ଚୂଡ଼ାନ୍ତ ପ୍ରାର୍ଥି ତାଲିକା ନିମ୍ନ ସ୍ୱାଯରକାରୀଙ୍କ କାର୍ଯ୍ୟାଳୟ ବିଜ୍ଞାପନ ଫଳକ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଅଙ୍ଗନୱାଡି କେନ୍ଦ୍ର ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ପିପିଲି ବ୍ଲକ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରକାଶିତ କରାଯିବ । ତଦାନୁଯାୟୀ ଯଦି କୌଣସି ପ୍ରାର୍ଥିନୀଙ୍କ ର ବାସସ୍ଥାନ ଶିକ୍ଷା , ଜାତି , ପ୍ରାର୍ଥିତ୍ୱ ପ୍ରତି ଯେ କୌଣସି ଅଭିଯୋଗ ଥାଏ ତେବେ ସେମାନେ ପବ୍ଲିକ୍ log in ମାଧମରେ ସାତ ଦିନ ମଧରେ ଯଥା ତା ୨୨.୦୮.୨୦୨୫ ରିଖ ଠାରୁ ତ.୨୮.୦୮.୨୫ ରିଖ ଅପରାହ୍ନ ୫. ୩୦ ଘଟିକା ସୁଦ୍ଧା ଦାଖଲ କରିବେ। ଧାର୍ଯ୍ୟ ତାରିଖ ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ଅଙ୍ଗନୱାଡି କର୍ମୀ ଶୂନ୍ୟତା ବିବରଣୀ –**

| କ୍ରମିକ ନମ୍ବର | ଗ୍ରାମପଂଚାୟତ ର ନାମ | ଖାଲିଥିବା ଅଙ୍ଗନୱାଡି କେନ୍ଦ୍ର ର ନାମ | ନିର୍ଦ୍ଧାରିତ ପରିସର ଭୁକ୍ତ ଅଞ୍ଚଳ | ପ୍ରମାଣପତ୍ର ଯାଞ୍ଚ ର ସ୍ଥାନତାରିଖ/ସମୟ/ |
|---|---|---|---|---|
| ୧ | ଭାରତିପୁର | ଭାରତିପୁର ସୁଲତାନନଗର | ଘର ନଂ ୦୦୧-ଝୁନୁ ନାୟକ ଙ୍କ ଘର ଠାରୁ ଘର ନଂ - ୧୯୫ -ଝରଣା ସେଠୀ ଙ୍କ ଘର ପର୍ଯ୍ୟନ୍ତ । | ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ପିପିଲି ଙ୍କ କାର୍ଯ୍ୟାଳୟ, ତା .୨୧ ୦୮. ୨୫ ରିଖ ପୂର୍ବାହ୍ନ ଘ୧୧ .୦୦ ଟୀକା ରୁ . ଘ.୫.୩୦ ଟୀକା |

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ପିପିଲି, ପୁରୀ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପିପିଲି

**ପରିପତ୍ର ସଂଖ୍ୟା – ୧୦୫୧** **ତା- ୦୫.୦୮.୨୦୨୫**

ଏହାର ଏକକିତା ନକଲ ପିପିଲି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ବିଜ୍ଞପ୍ତି ଫଳକ/ ମଣ୍ଡଳ ଉନ୍ନୟନ ଅଧିକାରୀ ,ପିପିଲି ଙ୍କ ବିଜ୍ଞପ୍ତି ଫଳକ ଓ ଏହାର ଏକକିତା ନକଲ ସମସ୍ତ ମଣ୍ଡଳପରିଦର୍ଶୀକା ଓ ଭାରପ୍ରାପ୍ତ ଅଙ୍ଗନୱାଡି କେନ୍ଦ୍ର ର ଅଙ୍ଗନୱାଡି କର୍ମୀ କୁ ସେହି ଅଞ୍ଚଳରେ ପ୍ରଚାର ପାଇଁ ପ୍ରେରଣ କରାଗଲା । ସେହି ଅଞ୍ଚଳର ୦୩/୦୪ ଟି ମୁଖ୍ୟ ଜନଗହଳୀ ସ୍ଥାନରେ ଲଟକାଇବାକୁ ନିର୍ଦ୍ଦେଶ ଦିଆଗଲା । ଏହା ସହ ଅଙ୍ଗନୱାଡି କର୍ମୀଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରାଞ୍ଚଳ ରେ ସର୍ବସାଧାରଣ ଙ୍କୁ ଏହି ନୋଟିସ ସମ୍ପର୍କ ରେ ଅବଗତ କରାଇ ସମ୍ପୃକ୍ତ ଅଞ୍ଚଳର ସମସ୍ତ ଙ୍କ ଦସ୍ତଖତ ସହ ଏହାର ଏକାକିତା ନକଲ ପତ୍ର କାର୍ଯ୍ୟାଳୟ କୁ ଫେରସ୍ଥ କରାଇବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ପିପିଲି, ପୁରୀ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପିପିଲି

**ପରିପତ୍ର ସଂଖ୍ୟା - ୧୦୫୨** **ତା- ୦୫.୦୮.୨୦୨୫**

ଏହାର ଏକକିତା ନକଲ ଅଧକ୍ଷ,ପିପିଲି / ସମ୍ପୃକ୍ତ (ବିଜ୍ଞାପିତ ହୋଇଥିବା )ଗ୍ରାମ ପଂଚାୟତ ସରପଞ୍ଚ ଙ୍କ ବିହିତ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଗ୍ରାମ ପଞ୍ଚାୟତ ର ବିଜ୍ଞପ୍ତି ଫଳକରେ ଉକ୍ତ ବିଜ୍ଞାପନ ଲଟକା ଜାରି କରିବା ପାଇଁ ସରପଞ୍ଚଙ୍କୁ ଅନୁରୋଧ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ପିପିଲି, ପୁରୀ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପିପିଲି

ପରିପତ୍ର ସଂଖ୍ୟା - ୧୦୫୩

ତା- ୦୫.୦୮.୨୦୨୫

ଏହାର ନକଲ ମଣ୍ଡଳ ଉନ୍ନୟନ ଅଧିକାରୀ ,ପିପିଲି/ ଗୋଷ୍ଠୀ ଚିକିତ୍ସା ଅଧିକାରୀ ,ମଙ୍ଗଳପୁର / ବି. ଇ. ଓ,ପିପିଲି /ବି ଏସ ଏସ ଓ ,ପିପିଲି ଙ୍କ ଅବଗତି ପାଇଁ ପ୍ରେରଣ କରାଗଲା ଓ ତା. ୨୧.୦୮.୨୦୨୫ ରିଖ ପୂର୍ବାହ୍ନ ଘ.୧୧ .୦୦ ଟାକା ସମୟରେ( ନିର୍ଦ୍ଦିଷ୍ଟ ତାରିଖ ଓ ସମୟରେ) କମିଟି ବୈଠକରେ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଗଲା।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ପିପିଲି, ପୁରୀ

ପରିପତ୍ର ସଂଖ୍ୟା – ୧୦୫୪

ତା- ୦୫.୦୮.୨୦୨୫

ଏହାର ଏକକିତା ନକଲ ଜିଲ୍ଲାପାଳ ,ପୁରୀ /ଉପଜିଲ୍ଲାପାଳ ,ପୁରୀ /ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ,ପୁରୀ ଙ୍କ ବିହୀତ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ପିପିଲି, ପୁରୀ